'ମହିଳାଙ୍କ ପ୍ରତି ଅହେତୁକ ଦୁର୍ବଳ'

ଅଭିନେତା ଜେସନ ଶାହ ଯିଏ କି ନିକଟରେ ସଞ୍ଜୟ ଲୀଲା ବଂଶାଲୀଙ୍କ ହୀରାମଣ୍ଡିରେ ନଜର ଆସିଥିଲେ, ସେ ଏବେ ଏକ ବଡ ବୟାନ ଦେଇଛନ୍ତି । ଖୁଲ୍ଲମଖୁଲ୍ଲା ଭାବରେ ଏହି ଅଭିନେତା ଜଣକ ସେକ୍ସ ପ୍ରତି ଥିବା ତାଙ୍କର ଦୁର୍ବଳତାକୁ ନେଇ ଖୋଲିକି କହିଛନ୍ତି। ହ୍ୟାଣ୍ଡସମ ହଙ୍କ ଅଭିନେତା ଜେସନ କହିଛନ୍ତି ଯେ ସେ ସେକ୍ସ, ମଦ ଓ ଧୂମ୍ରପାନ ପ୍ରତି ଅହେତୁକ ଦୁର୍ବଳ ହୋଇ ପଡିଥିଲେ। ପରେ ସେ କେତେ ବର୍ଷ ପରେ ଏହାକୁ ନେଇ ଅନୁଭବ କଲେ ଓ ନିଜ ଜୀବନରେ ଆଧ୍ୟାତ୍ମିକତାକୁ ସ୍ଥାନ ଦେବା ପରେ ଏଥିରୁ ମୁକ୍ତି ପାଇଛନ୍ତି। ଏକ ୟୁଟୁବ ଚ୍ୟାନେଲରେ ସାକ୍ଷାତକାର ଦେବା ସମୟରେ ଅଭିନେତା ଜେସନ ଶାହ କହିଛନ୍ତି ଯେ ସେ ଦିନକୁ ପ୍ରାୟ ଗୋଟିଏରୁ ଦୁଇ ପ୍ୟାକେଟ ସିଗାରେଟ ଟାଣୁଥିଲେ। ସେ ନିଶ୍ଚିତଭାବରେ କହି ପାରିବେ ଯେ ସେ ମହିଳାଙ୍କ ପ୍ରତି ଅହେତୁକ ଦୁର୍ବଳ ହୋଇ ପଡିଥିଲେ। ମହିଳାଙ୍କ ମାୟାରେ ସେ ବାୟା ଥିଲେ। ଏହିସବୁ ବଦଭ୍ୟାସ ଛାଡିବା ତାଙ୍କ ପାଇଁ କାଠିକର ପାଠ ହୋଇ ପଡିଥିଲା। ମାତ୍ର ଏସବୁକୁ ସେ ଏବେ ଛାଡି ଦେଇଛନ୍ତି। ଭଗବାନ ତାଙ୍କ ପ୍ରତି କୃପା କଲେ ଓ ସେ ଆଧ୍ୟାତ୍ମିକ ହୋଇ ଏଥିରୁ ମୁକ୍ତ ହୋଇ ପାରିଥିଲେ ବୋଲି ଜେସନ କହିଛନ୍ତି। ନିଜର ବର୍ତ୍ତମାନର ଜୀବନକୁ ମଧ୍ୟ ନେଇ ସେ କହିଛନ୍ତି। ଏବେ ସେ ଆଧ୍ୟାତ୍ମିକ ଶକ୍ତି ବଳରେ ପୂର୍ବଭଳି ଆଉ ନାହାନ୍ତି। ଯାହାକୁ ଡେଟ କରୁଛନ୍ତି ତାଙ୍କ ସହ ବିବାହ ପରେ ହିଁ ସେକ୍ସ କରିବେ ବୋଲି ଅଭିନେତା ଜଣକ ପ୍ରକାଶ କରିଛନ୍ତି। ଯୌନ ସଂପର୍କ ଦ୍ୱାରା ଜଣେ ପୁରୁଷ ଜଣେ ମହିଳାଙ୍କ ସହ ଭାବନାତ୍ମକ ଭାବରେ ଜଡିତ ହୋଇଥାଏ ବୋଲି ମଧ୍ୟ ଜେସନ କହିଛନ୍ତି।

ଶୁଭାଯାଉନି କି ନା କହିପାରନ୍ତି, ତଥାପି ହିଟ୍

ଦୀର୍ଘ ଦିନରୁ ସୋସିଆଲ ମିଡିଆରେ ଏପରି ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି ଯେଉଁଥିରେ ଜଣେ ବ୍ୟକ୍ତି ଅଜବ ଭାଷାରେ କିଛି ରାପ୍ କରୁଥିବାର ନଜର ଆସିଛନ୍ତି। କିନ୍ତୁ କାହାକୁ ବି ବୁଝା ପଡୁନି ଯେ ସେ କ'ଣ କହୁଛନ୍ତି ? ଏହି ବ୍ୟକ୍ତିଙ୍କ ଭିଡିଓରେ ଅନେକ ମେମ୍ସ ମଧ୍ୟ ହୋଇଛି। ଏଭଳି ଜଣେ ରାପର ହେଉଛନ୍ତି ମ୍ୟାକ୍ ବାବା। ଆଫ୍ରିକା ଦେଶର ମୂଳ ବାସିନ୍ଦା ହେଉଛନ୍ତି ରାପର ହେଉଛନ୍ତି ମ୍ୟାକ୍ ବାବା। ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କୋଙ୍ଗୋର ରାପର କ୍ରାନ୍ତିକାରୀ ଉପାୟରେ ମ୍ୟୁଜିକ ଇଣ୍ଡଷ୍ଟ୍ରିରେ ବିପ୍ଳବ ଆଣିବା ପାଇଁ ଚେଷ୍ଟା କରୁଛନ୍ତି। ବହୁତ କମ୍ ସମୟ ମଧ୍ୟରେ ସେ ଦେଶ ବିଦେଶରେ ନିଜ ପରିଚୟ ସୃଷ୍ଟି କରିପାରିଛନ୍ତି। ସେ ଅନେକ ଲୋକଙ୍କ ପାଇଁ ପ୍ରେରଣାର ଉତ୍ସ। ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଉଛି ମ୍ୟାକ୍ ବାବା ନା କହିପାରନ୍ତି ନା ଶୁଣିପାରନ୍ତି। ସେ ଶବ୍ଦ ନୁହେଁ ବରଂ ନିଜ ଆଙ୍ଗୁଜ୍ ମାଧ୍ୟମରେ ରାପ୍ କରିଥାନ୍ତି। ହାତର ଇଶାରା ଏବଂ ଚେହେରାର ଏକ୍ସପ୍ରେସନ୍ ବ୍ୟବହାର କରିଥାନ୍ତି। କିନ୍ତୁ ଅଧିକାଂଶ ଲୋକ ତାଙ୍କୁ ବୁଝିପାରନ୍ତି ନାହିଁ। ତାଙ୍କର ଏକ ସିଗନେଚର ଷ୍ଟାଇଲ୍ 'ଡେଫ୍ ହାପ୍' ଦର୍ଶକଙ୍କ ମଧ୍ୟରେ ବେଶ ଲୋକପ୍ରିୟତା ହାସଲ କରିଛି। ତେବେ ଏକ ଭାଇରାଲ ମ୍ୟୁଜିକ ଭିଡିଓ ମାଧ୍ୟମରେ ସେ ଫେମସ୍ ହୋଇଥିଲେ। ୨୦୨୧ରେ ମ୍ୟୁଜିକ ଇଣ୍ଡଷ୍ଟ୍ରିରେ ପାଦ ଥାପିଥିଲେ ମ୍ୟାକ୍ ବାବା। 'ଲା ବେସରାନ୍' ନାମକ ଏକ ଜୋଡ଼ି ଭାବରେ ତାଙ୍କର ଏହି ଯାତ୍ରା ଆରମ୍ଭ ହୋଇଥିଲା। ୨୦୨୩ରେ ସେ ନିଜ କ୍ୟାରିୟର ଗଢ଼ିବାକୁ ନିଷ୍ପତି ନେଇଥିଲେ। ଏଥିପାଇଁ ତାଙ୍କୁ ବହୁତ ସଂଘର୍ଷର ସାମ୍ନା କରିବାକୁ ପଡ଼ିଥିଲା। ଫଳରେ ଆଜି ସେ ସଫଳତାର ଶୀର୍ଷରେ ପହଂଚିପାରିଛନ୍ତି। ଗୋଟିଏ ଦିନରେ ତାଙ୍କ ଭିଡିଓର ଏକ କ୍ଲିପକୁ ପ୍ରାୟ ୧୦ ମିଲିୟନ୍ ଦର୍ଶକ ଦେଖିଥାନ୍ତି। ତାଙ୍କ ପ୍ରତିଭାକୁ ତାଙ୍କ ସାଥି ଏବଂ ଦେଶବାସୀ ହୃଦୟର ସହ ଆପଣାଇଛନ୍ତି। ସେ ନିଜ କ୍ୟାରିୟରରେ ଆଗରୁ ବଢ଼ିବା ପାଇଁ ପ୍ରୟାସ ଜାରି ରଖିବେ ବୋଲି ଲକ୍ଷ ରଖିଛନ୍ତି।

ଜାପାନରେ ନିର୍ମିତ ହେବ ଚଳନ୍ତା ସଡ଼କ

ଜାପାନର ରାଜଧାନୀ ସହର ଟୋକିଓ ଓ ଅନ୍ୟତମ ବ୍ୟାବସାୟିକ ପେଣ୍ଠସ୍ଥଳୀ ଓସାକା ମଧ୍ୟରେ ପଣ୍ୟ ପରିବହନ ପାଇଁ ସରକାର ଏକ ଅଭିନବ ରାସ୍ତା ଆପଣେଇବାକୁ ଯାଉଛନ୍ତି। କୌଣସି ସ୍ୱତନ୍ତ୍ର ରାଜପଥ ନିର୍ମାଣ ନୁହେଁ, ବରଂ ୩୧୦ ମାଇଲ ବା ୫୦୦ କି.ମି. ଦୀର୍ଘ ଏକ କନଭେୟର୍ ବେଲ୍ଟ ସ୍ଥାପନ କରି ପରିବହନ ସମସ୍ୟାର ସମୟୋଚିତ ସମାଧାନ କରିବାକୁ ଜାପାନ ସରକାର ଯୋଜନା କରିଛନ୍ତି। ଗୋଟିଏ ଗୁଳିରେ ଦୁଇଟି ଶିକାର କଲା ଭଳି ଏହାଦ୍ୱାରା ଜାପାନରେ ଦେଖାଦେଇଥିବା ଟ୍ରକ୍ ଚାଳକଙ୍କ ଘୋର ଅଭାବ ଜନିତ ସମସ୍ୟାର ସମାଧାନ ସହ ଟ୍ରକ୍ ଧୂଆଁ ହେତୁ ପରିବେଶ ପ୍ରଦୂଷଣକୁ ମଧ୍ୟ ରୋକିବାର ପରିକଳ୍ପନା କରାଯାଇଛି। ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ହେବାକୁ ଥିବା ଏହି ସ୍ୱୟଂଚାଳିତ କନଭେୟର ବେଲ୍ଟରେ ଦୈନିକ ୨୫ ହଜାର ଟ୍ରକଭର୍ତି ପରିମାଣର ପଣ୍ୟ ପରିବହନ ହୋଇପାରିବ ବୋଲି ଆକଳନ କରାଯାଇଛି। ସୂଚନାଯୋଗ୍ୟ, ଜାପାନ ପରି ଉନ୍ନତ ଦେଶରେ ପଣ୍ୟ ପରିବହନ ପାଇଁ ଆବଶ୍ୟକ ସଂଖ୍ୟକ ଗାଡ଼ି ଚାଳକଙ୍କ ଅଭାବ ଲାଗି ରହିଛି। ଏକ ପରିସଂଖ୍ୟାନ ଅନୁଯାୟୀ, ୨୦୨୦ ମସିହାରେ ଦେଶର ମୋଟ ପଣ୍ୟ ପରିବହନ ପାଇଁ ୬.୬ ଲକ୍ଷ ମାଲବାହୀ ଗାଡ଼ି ଚାଳକ ରହିଥିବା ବେଳେ ତାହା ପର୍ଯ୍ୟାପ୍ତ ନୁହେଁ। ଏପରିକି ୨୦୩୦ ବେଳକୁ ସେହି ସଂଖ୍ୟା ୩୬ ପ୍ରତିଶତ ହ୍ରାସ ପାଇ ପ୍ରାୟ ୪.୮ ଲକ୍ଷରେ ପହଂଚିବ। ଅର୍ଥାତ୍ ୨୦୨୦ ମସିହାରେ ଦେଶର ମୋଟ ୧୪୩ କୋଟି ଟନ୍ ଓଜନର ପଣ୍ୟ ପରିବହନ ହୋଇଥିବା ବେଳେ ୨୦୩୦ ବେଳକୁ ଉପଲବ୍ଧ ଗାଡ଼ିଚାଳକଙ୍କ ଦ୍ୱାରା ୧୪୦ କୋଟି ଟନ୍ ମାଲ୍ ପରିବହନ ହୋଇପାରିବ। ଏହି ସ୍ୱୟଂଚାଳିତ ରାସ୍ତା ଜାପାନରେ ଦେଖାଦେଇଥିବା ଟ୍ରକ୍ ଚାଳକଙ୍କ ଅଭାବ ଜନିତ ସମସ୍ୟାର ସମାଧାନ ସହ ଟ୍ରକ୍ ଧୂଆଁ ହେତୁ ହେଉଥିବା ପରିବେଶ ପ୍ରଦୂଷଣକୁ ମଧ୍ୟ ଦୂର କରିବ। ଏପରି ମାଲ୍ ପରିବହନରେ ହ୍ରାସ ଦେଶର ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରଭାବିତ କରିବାର ଆଶଙ୍କା ରହିଛି। ତେଣୁ ତାହାର ମୁକାବିଲା ପାଇଁ ସରକାର ଏପରି ଏକ ସୁଦୀର୍ଘ କନ୍‌ଭେୟର ବେଲ୍ଟ ସ୍ଥାପନ ପାଇଁ ଯୋଜନା କରିଛନ୍ତି। ଦିନକୁ ଚବିଶଘଂଟା ସ୍ୱୟଂଚାଳିତ ଭାବେ ଏହି ବେଲ୍ଟ ମାଧ୍ୟମରେ ଯେତିକି ମାଲ୍ ପରିବହନ ହୋଇପାରିବ ତାହା ଦୈନିକ ୨୫ ହଜାର ଟ୍ରକ୍ ତଥା ଗାଡ଼ିଚାଳକଙ୍କ କାମ ସଙ୍ଗେ ସମାନ ହେବ ବୋଲି ଆକଳନ କରାଯାଉଛି। ଏଥି ସହିତ ପାରମ୍ପରିକ ଟ୍ରକ୍ ପରିବହନ ଜନିତ ଏତେ ସଂଖ୍ୟକ ଟ୍ରକ୍‌ରୁ ନିଷ୍କାସିତ ପ୍ରଭୂତ ପରିମାଣର ଅଙ୍ଗାରକାମ୍ଳ ବାଷ୍ପ ମଧ୍ୟ ଆଉ ବାୟୁମଣ୍ଡଳରେ ମିଶିବାର ସମ୍ଭାବନା ରହିବନି। ସୁତରାଂ ଏହି ସୁଦକ୍ଷ ତଥା ସବୁଜ ପ୍ରକଳ୍ପ ସରକାରଙ୍କୁ ଉଭୟ ଦିଗରୁ ଆଶ୍ୱସ୍ତ କରିବ ବୋଲି ଆଶା କରାଯାଉଛି।

ସୁଟିଂ ବେଳେ ଆହତ ହେଲେ ଉର୍ବଶୀ

ସୁଟିଂ ବେଳେ ଗୁରୁତର ଆହତ ହେଲେ ଉର୍ବଶୀ ରାଉତେଲା। ସୂଚନା ଅନୁସାରେ ତାଙ୍କ ହାତରେ ଗଭୀର ଆଘାତ ଲାଗିବା କାରଣରୁ ତାଙ୍କୁ ହାଇଦ୍ରାବାଦର ଏକ ହସ୍ପିଟାଲରେ ଭର୍ତି କରାଯାଇଛି। ବର୍ତମାନ ଅଭିନେତ୍ରୀ ଚିକିତ୍ସିତ ହେଉଛନ୍ତି। ବାସ୍ତବରେ, ପ୍ରି ପ୍ରେସ ଜର୍ଣ୍ଣାଲର ରିପୋର୍ଟ ଅନୁଯାୟୀ, ଉର୍ବଶୀ [illegible] ନନ୍ଦାମୁରୀ ବାଲାକ୍ରିଷ୍ଣାଙ୍କ ଆଗାମୀ ତେଲୁଗୁ ଚଳଚ୍ଚିତ୍ର ଏନ୍‌ବିକେ ୧୦୯ ରେ ପାଇଁ ସୁଟିଂ କରୁଛନ୍ତି। ଏହି ଚଳଚ୍ଚିତ୍ରର ଏକ ଆକ୍ସନ୍ ସିନ୍ ସୁଟିଂ ହେବା ବେଳେ ଅଭିନେତ୍ରୀ ଆହତ ହୋଇଥିଲେ। ଯାହା ପରେ ତାଙ୍କୁ ବର୍ତମାନ ଡାକ୍ତରଖାନାରେ ଭର୍ତି କରାଯାଇଛି। ତାଙ୍କ ହାତ ଭାଙ୍ଗି ଯାଇଥିବା ନେଇ ସୂଚନା ରହିଛି। ଉର୍ବଶୀ ରାଉତେଲା ଏହି ଫିଲ୍ମରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ। ଏହି ଚଳଚ୍ଚିତ୍ରର ସୁଟିଂ ହାଇଦ୍ରାବାଦରେ ଜାରି ରହିଛି। ସୁଟିଂ ବେଳେ ଅଭିନେତ୍ରୀ ଗୁରୁତର ଆହତ ହୋଇଛନ୍ତି। ଉର୍ବଶୀ ଡାକ୍ତରଖାନାରୁ କୌଣସି ଫଟୋ କିମ୍ବା ଭିଡିଓ ପ୍ରକାଶ ପାଇନାହିଁ। ବର୍ତମାନ ପ୍ରଶଂସକମାନେ ଅଭିନେତ୍ରୀଙ୍କ ଶୀଘ୍ର ଆରୋଗ୍ୟ ପାଇଁ ପ୍ରାର୍ଥନା କରୁଛନ୍ତି। ତେବେ ଏହି ଚଳଚ୍ଚିତ୍ରରେ ବବି ଦେଓଲ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ। ଅକ୍ଟୋବର ୨୦୨୪ ସୁଦ୍ଧା ଏହି ଚଳଚ୍ଚିତ୍ର ମୁକ୍ତିଲାଭ ହୋଇପାରେ।

ସାମ୍ନାକୁ ଆସିଲା ଶାହରୁଖ ଖାନଙ୍କ ୩୬ ବର୍ଷ ପୁରୁଣା ଭିଡିଓ

ବଲିଉଡର ବାଦଶାହ ଶାହରୁଖ ଖାନଙ୍କ ପ୍ରଶଂସକ ଖାଲି ଦେଶ ନୁହେଁ, ବିଦେଶରେ ମଧ୍ୟ। ତାଙ୍କ ବ୍ୟକ୍ତିତ୍ୱ ସମସ୍ତଙ୍କୁ ଆକର୍ଷିତ କରିଥାଏ। କିନ୍ତୁ ଆପଣ ଜାଣିଛନ୍ତି କି ୧୦୦ରୁ ଅଧିକ ଫିଲ୍ମରେ କାମ କରିଥିବା ଶାହରୁଖ ଖାନ ନିଜ ଅଭିନୟ କ୍ୟାରିୟର ଏକ ଟେଲିଭିଜନ ଧାରାବାହିକରୁ ଆରମ୍ଭ କରିଥିଲେ। ତାଙ୍କ ପ୍ରଥମ ସିରିଏଲର ନାଁ ଥିଲା 'ଦିଲ ଦରିୟା'। ୩୬ ବର୍ଷ ପୂର୍ବରୁ ଆସିଥିବା ଏହି ସିରିଏଲର କିଛି କ୍ଲିପ୍ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ଏଥିରେ ଶାହରୁଖ ଖାନଙ୍କୁ ଦେଖି ଦର୍ଶକ ପୁଣି ନିଜ ହୃଦୟ ଦେଇ ବସୁଛନ୍ତି। ଫିଲ୍ମ ଇଣ୍ଡଷ୍ଟ୍ରିରେ ପାଦ ରଖିବା ପୂର୍ବରୁ ବଲିଉଡ ବାଦଶାହ ଶାହରୁଖ ଖାନ୍ ୧୯୮୮ରେ ଟିଭିରେ ଡେବ୍ୟୁ କରିଥିଲେ। ଏହା ପରେ ସେ ଫୌଜି ଓ ହମ୍ ପାଂଚ ଜୈସେ ସିରିଏଲରେ ମଧ୍ୟ କାମ କରିଥିଲେ।